# ସେୱାର ଦୃଷ୍ଟିରେ ସ୍ୱରାଜ ଦର୍ଶନ

ସ୍ୱାଧୀନ ଭାରତର ଲକ୍ଷଲକ୍ଷ ଶ୍ରମଜୀବୀ ଏବେ ମଧ୍ୟ ପୂର୍ଣ୍ଣ ସ୍ୱାଧୀନତାକୁ ଉପଭୋଗ କରିପାରି ନାହାଁନ୍ତି ।

ସ୍ୱାଧୀନତା ଉଭୟ ଅର୍ଥନୈତିକ, ମାନସିକ ଚିନ୍ତାଧାରା ଏବଂ ନିଷ୍ପତ୍ତି ନେବାରେ ଆତ୍ମନିର୍ଭରଶୀଳତାକୁ ଦର୍ଶାଇ ଥାଏ । ଆମର ଅଭିଜ୍ଞତା ଅନୁସାରେ ଏହା କେବଳ ପୂର୍ଣ୍ଣ ନିଯୁକ୍ତି ଦ୍ୱାରା ସମ୍ଭବ ।

ପୂର୍ଣ୍ଣ ରୋଜଗାରର ଅର୍ଥ ହେଉଛି ଯେ ପ୍ରତ୍ୟେକ ଘର ତାର ନିଜର ମୌଳିକ ଖାଦ୍ୟ ନିରାପତ୍ତା ଅଧିକାର ଉପଭୋଗ କରିବା ସହ ବିଶୁଦ୍ଧ ଜଳ, ପୋଷାକ ଏବଂ ଆଶ୍ରୟସ୍ଥଳ ପାଇପାରିବେ ।

ସେମାନେ ନିଜ ରୋଜଗାର ମାଧ୍ୟମରେ ଏଗୁଡ଼ିକୁ ପାଇବାକୁ ସକ୍ଷମ ହେବା ଉଚିତ । ସେମାନେ ସ୍ୱାସ୍ଥ୍ୟ, ସେବା, ଶିଶୁଯତ୍ନ, ବୀମା ଏବଂ ପେନ୍‌ସନ୍ ସହିତ ସାମାଜିକ ସୁରକ୍ଷା ମଧ୍ୟ ପାଇବା ଉଚିତ୍ ।

ସେ ପୂର୍ଣ୍ଣ ନିଯୁକ୍ତି ହାସଲ ନ କରିବା ପର୍ଯ୍ୟନ୍ତ ସେୱା ଏହି ସଂଘର୍ଷ ଜାରି ରଖିବ । ଏହା ମଧ୍ୟ ସେୱାର ମୁଖ୍ୟ ଲକ୍ଷ୍ୟ ହେବ । ସମସ୍ତ ସେୱା ସଦସ୍ୟମାନେ ସଂଗଠିତ ହୋଇ ଶୃଙ୍ଖଳିତ ଭାବେ ଅହିଂସା ଯୁକ୍ତ ଆନ୍ଦୋଳନ ଏବଂ ଗଠନ ମୂଳକ କାର୍ଯ୍ୟ ମାଧ୍ୟମରେ ପୂର୍ଣ୍ଣ ନିଯୁକ୍ତି ପାଇବା ପାଇଁ ଏକତ୍ର ହୋଇ କାର୍ଯ୍ୟ କରିବେ ।

ସେୱା ମୁଖ୍ୟତଃ ଅଖଣ୍ଡତା, ସାମ୍ପ୍ରଦାୟିକ, ସମନ୍ୱୟ, ସାମାଜିକ ନ୍ୟାୟ ଏବଂ ସ୍ୱରଳତା ପରି ମୌଳିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ ।

ସେୱାର ରଣନୀତି ହେଉଛି ଆତ୍ମନିର୍ଭରଶୀଳତା ପାଇଁ ମହିଳା ଶ୍ରମିକ ମାନଙ୍କୁ ୟୁନିୟନ ଏବଂ ସାମୁହିକ ସ୍ତରରେ ବା ସମୁହଗତ ଭାବେ ସଂଗଠିତ କରିବା ।

ମହିଳା ଶ୍ରମିକମାନେ ସଂଗଠିତ ହେଲେ ସେମାନଙ୍କର ସ୍ୱର ଶୁଭିବା ସହ ସେମାନଙ୍କର କାର୍ଯ୍ୟ ଅଧିକ ଦୃଶ୍ୟମାନ ହେବ । ଦେଶର ଅର୍ଥନୀତି ପ୍ରତି ଥିବା ସେମାନଙ୍କ ଅବଦାନକୁ ଅଧିକ ମୂଲ୍ୟ ଦିଆଯିବ ।

ଯେତେବେଳେ ମହିଳା ଶ୍ରମିକମାନେ ସେମାନଙ୍କ ପରିବାର ଏବଂ ସମ୍ପ୍ରଦାୟର ନେତୃତ୍ୱ ନେବେ ସେତେବେଳେ ସେମାନେ ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବେ ।

ଏହା ହିଁ ହେଉଛି ସେୱାର ମୂଳ ଦର୍ଶନ ।